PR No - 1796 / 2024

OFFICE OF THE TAHASILDAR BARIPADA

# ତହସିଲଦାରଙ୍କ କାର୍ଯ୍ୟାଳୟ,ବାରିପଦା

**ଇସ୍ତାହାର** **ରେଭିନ୍ୟୁ ମିସ କେସ ନଂ- ୨୦/୨୦୨୪**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ,ନିମ୍ନ ତଫସିଲ ବର୍ଣ୍ଣିତ ଜମି ନିମ୍ନ ଆବେଦନକାରୀଙ୍କୁ ଘରଡିହ ଲିଜ ଭାବେ ହସ୍ତାନ୍ତର କରିବାର ପ୍ରସ୍ତାବ ହୋଇଅଛି । ଏଥିରେ ଅବେଦନକରୀ ଙ୍କ ନାମ, ଠିକଣା ଏବଂ ପ୍ରସ୍ତାବିତ ଜମିର ଖାତା ନଂ, ପ୍ଲଟ ନଂ,କିସମ, ଜମିର ପରିମାଣ ଉଲ୍ଲେଖ କରାଯାଇଅଛି | ଯେହେତୁ ଉକ୍ତ ଜମିର କିସମ- ଆଶୁ ଅଛି ତାର ପରିବର୍ତ୍ତନ ଆବଶ୍ୟକ ହେଉଅଛି । ଏଣୁ ଏହି କିସମ ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

## ତଫସିଲ

ମୌଜାର ନାମ- କୃଷ୍ଣଚନ୍ଦ୍ରପୁର ଥାନାର ନାମ :- ବେତନଟୀ ନଂ:- ୨୭

| ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକରରେ) | ଆବେଦନକାରୀଙ୍କ ନାମ ଓ ଠିକଣା |
|---|---|---|---|---|
| ୨୪୮ (ଆବାଦ ଯୋଗ୍ୟ ଅନାବାଦୀ) | ୮୧୬/୧ | ଆଶୁ | ଏ. ୦.୦୪ | ନାମ- ପ୍ରେମାନନ୍ଦ ତ୍ରିପାଠୀ<br>ପିତା- ସ୍ୱ. ସୁଧୀର ତ୍ରିପାଠୀ<br>ଜାତି- ବ୍ରାହ୍ମଣ<br>ବା- କୃଷ୍ଣଚନ୍ଦ୍ରପୁର |
| ମୋଟ | | | ଏ. ୦.୦୪ | |

ଏହାର ଏକକିତା ନକଲ କୃଷ୍ଣଚନ୍ଦ୍ରପୁର ମୌଜାରେ ଡେଙ୍ଗୁରା ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରିପଦା / ବଡ଼ଯୋଡ଼ ଗ୍ରାମ ପଂଚାୟତ କାର୍ଯ୍ୟାଳୟ / ରାଜସ୍ୱ ନିରୀକ୍ଷକ, କୃଷ୍ଣଚନ୍ଦ୍ରପୁରଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ବାରିପଦା ତହସିଲ ଅଫିସ ନୋଟିସବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

ତହସିଲଦାର,ବାରିପଦା

TAHASILDAR
BARIPADA